# ଅବହେଳିତ କୁଆଖିଆ ବଜାର

■ ଉନ୍ନୟନଠାରୁ ବହୁ ଦୂରରେ ବଜାର ଅଞ୍ଚଳ

■ ମୌଳିକ ସୁବିଧାରୁ ବଞ୍ଚିତ ଜନସାଧାରଣ

**ରସୁଲପୁର,୫।୩(ରଞ୍ଜିତ ରାଉତ):**



କୁଆଖିଆ ବଜାର ।

ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ କୁଆଖିଆ ବଜାର ଅବହେଳିତ ଅବସ୍ଥାରେ ରହିଛି। ଫଳରେ ଏଠାରେ ମୌଳିକ ସୁବିଧାରୁ ଜନସାଧାରଣ ବଞ୍ଚିତ ହୋଇଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ବ୍ୟବସାୟୀ ବିଜୟ କୁମାର ପଣ୍ଡାଙ୍କ ମତରେ କୁଆଖିଆ ବଜାର ବିଭିନ୍ନ ସମସ୍ୟାଘେରରେ ରହିଛି। ଏଠାରେ ଡ୍ରେନେଜ୍ ବ୍ୟବସ୍ଥା ନାହିଁ, ଯାତ୍ରୀ ବିଶ୍ରାମାଗାର ନାହିଁ, ଜନସାଧାରଣଙ୍କ ପାଇଁ ସୁଲଭ ଶୌଚାଳୟ ନାହିଁ। ଅଳିଆ ଆବର୍ଜନାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରାଯାଉନାହିଁ। ବିରଜାକ୍ଷେତ୍ରକୁ ରେଳ ସଂଯୋଗ ହେବ, ବସ୍‌ରୁଟ୍‌କୁ ଦେଖି ରେଳ ସଂଯୋଗ କରାଯିବା ଯୋଜନା ରହିଛି। ହେଲେ ରେଳ ପ୍ରକଳ୍ପ ମାନଚିତ୍ରରେ କୁଆଖିଆ ବାଜରକୁ ସ୍ଥାନ ଦିଆଯାଇନାହିଁ। ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣବେଳେ ରସୁଲପୁର ବ୍ଲକ ସମ୍ମୁଖରେ ଗଳି ପୋଲ ନିର୍ମାଣ କରା ନ ଯିବାରୁ ଦୈନିକ ବଜାର ଅଞ୍ଚଳରେ ଦୁର୍ଘଟଣା ଘଟୁଛି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ କୁଆଖିଆ ବଜାର ଅଞ୍ଚଳକୁ ଏନ୍‌ଏସି ଘୋଷଣାରୁ ବାଦ୍ କରି ଦିଆଯାଇଛି। ପାଣିକୋଇଲି ଓ ବହୁ ପଛରେ ବଜାର ମାନ୍ୟତା ପାଇଥିବା ଜାରକାକୁ ଏନ୍‌ଏସି ମାନ୍ୟତା ମିଳିଥିବାବେଳେ କୁଆଖିଆକୁ ଏଥିରୁ ବଞ୍ଚିତ କରାଯାଇଛି। ଏହି ବଜାର ଅଞ୍ଚଳରେ ୩ ନିର୍ବାଚନମଣ୍ଡଳୀ ଅର୍ଥାତ୍ ୩ ବିଧାୟକ ଓ ଯାଜପୁର ଏମ୍‌ପିଙ୍କ ଘର ହୋଇଥାଇ ବି ବଜାରର ବିକାଶ ହୋଇ ନ ପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ବଜାର ଅଞ୍ଚଳ ଉନ୍ନତି ହୋଇପାରୁନାହିଁ।

ସୂଚନା ମୁତାବକ, ଦେଶ ସ୍ୱାଧୀନ ପୂର୍ବରୁ କୁଆଖିଆ ବଜାର ସୃଷ୍ଟି ହୋଇଛି। ଏହି ବଜାର ୧୬ ଓ ୨୦ ନମ୍ବର ଜାତୀୟ ରାଜପଥର ସଂଯୋଗ ସ୍ଥଳ। ଏହି ସ୍ଥାନରୁ ଯାଜପୁର ସଦର ମହକୁମା, ବରୀ ଓ ଯାଜପୁରରୋଡସ୍ଥିତ କଳିଙ୍ଗନଗର ଶିଳ୍ପାଞ୍ଚଳ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ସଂଯୋଗ ରହିଛି। ଏହି ସ୍ଥାନରୁ ଦୂରଦୂରାନ୍ତକୁ ଯାଆସ ପାଇଁ ଦୈନିକ ବଜାରରେ ଶହଶହ ଯାତ୍ରୀ ରୁଣ୍ଡ ହେଉଛନ୍ତି। ହେଲେ ସେମାନଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଜମିଜମା ସମସ୍ୟାକୁ ଆଳ କରାଯାଇ ଉନ୍ନୟନ କାର୍ଯ୍ୟକୁ ଅଣଦେଖା କରାଯାଉଛି। ଅପରପକ୍ଷରେ ସରକାରୀ ଜମି ଜବରଦଖଲରେ ରହିଛି। ପରିବହନ ବିଭାଗର ଏକର ଏକର ଜମି ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତି ମାଡ଼ି ବସିବା ସହ ଚଞ୍ଚକତା କରି ନିଜ ନାଁରେ ପଟ୍ଟା କରାଇ ନେଇଛନ୍ତି।

ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷାଦିନରେ ବଜାର ଅଞ୍ଚଳ ଜଳମଗ୍ନ ହେଉଛି। ଶୌଚାଳୟ ନ ଥିବାରୁ ମହିଳାଯାତ୍ରୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାଜପଥ ପକ୍ଷରୁ ନିର୍ମାଣ ଯାତ୍ରୀ ନିବାସ ଓ ବାଇପାସ୍ ରାସ୍ତା ଯାତ୍ରୀଙ୍କ କାମରେ ଲାଗୁନାହିଁ କି ସେହି ସ୍ଥାନରେ ବସ୍ ରହଣି କରୁନାହିଁ। ବଜାର ଅଞ୍ଚଳ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଛି। ପରିବା ଚୋପା, ମାଛମାଂସ ଆଦିରୁ ବାହାରୁଥିବା ଆବର୍ଜନା ଗନ୍ଧରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଭେଣ୍ଡିଂ ଜୋନ ବ୍ୟବସ୍ଥା ନ ଥିବାରୁ ବ୍ୟବସାୟୀ ରାଜପଥକୁ ଜବରଦଖଲ କରି କାରବାର କରୁଛନ୍ତି। ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ବର୍ଷା ଖରାଦାଉରୁ ସୁରକ୍ଷା ପାଇବା ପାଇଁ ଗଳିପୋଲ ତଳକୁ ଲୋକେ ବ୍ୟବହାର କରୁଛନ୍ତି। ରାଜପଥ ସମ୍ପ୍ରସାରଣ ବେଳେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବ୍ଲକ ସମ୍ମୁଖରେ ଏକ ଗଳିପୋଲ ନିର୍ମାଣ କରିବାକୁ ଦାବି କରିଥିଲେ। ହେଲେ ତାହା ସମ୍ଭବ ହୋଇ ନ ପାରିବାରୁ ଦୈନିକ ବ୍ଲକ୍‌କୁ ଯାଆସ କରୁଥିବା ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜନସାଧାରଣ ଭୁଲ ରାସ୍ତାରେ ଯାତାୟାତ କରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହିଭଳି ବହୁ ଅବ୍ୟବସ୍ଥା କୁଆଖିଆ ବଜାର ଅଞ୍ଚଳ ପାଇଁ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି। ଏହାପରେ ଏହି ବଜାରକୁ ଏନ୍‌ଏସି ମାନ୍ୟତା ପ୍ରଦାନରୁ ବାଦ୍ ଦିଆଯାଇ ବଜାର ଓ ତାହା ସହ ନିର୍ଭର କରି ଚଳୁଥିବା ୩ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପ୍ରତି ଅନ୍ୟାୟ କରାଯାଇଛି ବୋଲି କୁହାଯାଉଛି। ତେବେ ଏହି ବଜାର ପ୍ରତି ସରକାରଙ୍କ କେବେ ଶୁଭ ଦୃଷ୍ଟି ପଡ଼ିବ ତାକୁ ସମସ୍ତଙ୍କର ଅପେକ୍ଷା ରହିଛି।

## ସଂକ୍ଷେପରେ

### କୃଷକନେତା ନିମାଇଁ ରାୟ ଗିରଫ

**ଯାଜପୁର ଟାଉନ,୫।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମାବେଶକୁ ବିରୋଧ କରିବାକୁ ଚେତାବନୀ ଦେଇଥିବାରୁ କୃଷକ ନେତା ନିମାଇଁ ରାୟଙ୍କୁ ପୋଲିସ ଗିରଫ କରିଛି। ୨ଦିନ ତଳେ ନବନିର୍ମାଣ କୃଷକ ସଙ୍ଗଠନ ଏକ ପ୍ରେସମିଟ କରି ମୋଦିଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି କହିଥିଲା। ଫଳରେ ମଙ୍ଗଳବାର ସକାଳ ୭ଟାରେ ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ତଥା କୃଷକ ନେତା ରାୟଙ୍କ ଅଭିମନ୍ୟୁ ବାଲିଆସ୍ଥିତ ବାସଭବନରୁ ବରୀ ଥାନା ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ସଂଗଠନର ଅନ୍ୟ ୨ ସହଯୋଗୀ ବଲ୍ଲଭ ଜେନା ଓ ମାଧବାନନ୍ଦ ଶାନ୍ତିଙ୍କୁ ମଧ୍ୟ ତାଙ୍କ ଘରୁ ପୋଲିସ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ପରେ ସେମାନଙ୍କୁ ଆଣି ପାଣିକୋଇଲି ଥାନାରେ ରଖାଯାଇଛି। ଗଣମାଧ୍ୟମକୁ ପ୍ରତିକ୍ରିୟାରେ କୃଷକ ନେତା ରାୟ କହିଛନ୍ତି ଯେ, ମୋଦିଙ୍କ ସୁରକ୍ଷା ପାଇଁ ନବୀନ ଓଡ଼ିଶାବାସୀଙ୍କ ସୁରକ୍ଷାକୁ ବଳି ପକାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର କେନ୍ଦ୍ର ଅବହେଳା କଥା କହି ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛନ୍ତି। ଯଦି କେନ୍ଦ୍ର ଅବହେଳା ଠିକ୍ ତେବେ ମୋଦିଙ୍କ ଗସ୍ତବେଳେ ମୁଖ୍ୟମନ୍ତ୍ରୀ ଦାବି କଲେନାହିଁ କାହିଁକି କିମ୍ବା ବିଜେଡି ବିରୋଧ କଲାନାହିଁ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଆଗାମୀ ନିର୍ବାଚନରେ ଉଭୟ ଦଳକୁ ରାଜ୍ୟବାସୀ ପ୍ରତ୍ୟାଖାନ କରନ୍ତୁ। ଗଣତନ୍ତ୍ରର କଣ୍ଠରୋଧ ପାଇଁ ସରକାରଙ୍କ ଆଭିମୁଖ୍ୟକୁ ସେ କଡ଼ା ସମାଲୋଚନା କରିଥିଲେ। ତାଙ୍କୁ ଆଣିବା ବାଟରେ ପୋଲିସ ଅଶାଳୀନ ମନ୍ତବ୍ୟ ଦେଇଥିବା ସେ ଯାଜପୁର ଏସ୍‌ପିଙ୍କୁ ଜଣାଇଛନ୍ତି। ଅନ୍ୟପକ୍ଷରେ ପୋଲିସର ଏଭଳି କାର୍ଯ୍ୟକୁ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର, ପ୍ରଦି ପ୍ରଧାନ ଓ ଶେଷଦେବ ନନ୍ଦ ପ୍ରମୁଖ ଦୃଢ଼ ନିନ୍ଦା କରିଛନ୍ତି।

### ଦଶରଥପୁରଠାରେ ସତ୍‌ସଙ୍ଗ ମହୋତ୍ସବ

**ଝୁମ୍ପୁରୀ,୫।୩(ସରୋଜ ନାୟକ)**

ଦଶରଥପୁର ବ୍ଲକ୍ ଅନ୍ତର୍ଗତ ଦଶରଥପୁର ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ତମ ଜନ୍ମ ଉତ୍ସବ ଉପଲକ୍ଷେ ଏକ ବିଶେଷ ସତ୍‌ସଙ୍ଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଋତ୍ୱିକ ନାରାୟଣ ଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱ ଓ ବଟକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଇନ୍ଦୁ ମୌଳି ପଟ୍ଟନାୟକ ସତ୍ୟାନୁସରଣ ଏବଂ ବାଙ୍ମୟୀ ପତି ନାରୀଙ୍କ ନୀତି ଉପରେ ଗ୍ରନ୍ଥ ପାଠ କରିଥିଲେ । ଗୌରାଙ୍ଗ ଭାଇ, ଚିତ୍ତ ଭାଇ ଓ କାଶୀନାଥ ଦାସ ଭଜନ ପରିବେଷଣ କରିଥିଲେ । ଉମାକାନ୍ତ ତରାଇଙ୍କ କୀର୍ତ୍ତନ ପରିବେଷଣକୁ ଭକ୍ତିମୟ କରିଥିଲା । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବଳରାମ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପିତାମ୍ବର ପତି ଠାକୁରଙ୍କ ଭାବାଦର୍ଶ ଓ ଅମୂଲ୍ୟ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ର ପକ୍ଷରୁ ନାରାୟଣ ଚନ୍ଦ୍ର ପଟ୍ଟନାୟକ ଓ ସନାତନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ



ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସରେ ଯୋଗଦେଇଥିବା ଜନପ୍ରତିନିଧି ଓ ଅଧିକାରୀ।

**ଯାଜପୁର ଟାଉନ,୫।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ପରିଷଦ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା ପରିଷଦ ସଭାପତି ଜେନା ଜନ ପ୍ରତିନିଧିମାନଙ୍କୁ ତ୍ରିସ୍ତରୀୟ ଶାସନ ଓ ପ୍ରଶାସନ ବ୍ୟବସ୍ଥାର ଦାୟିତ୍ୱ, କର୍ତ୍ତବ୍ୟ ଓ ଭୂମିକା ସମ୍ବନ୍ଧରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଯୋଗଦେଇ ବିଜୁ ପଟ୍ଟନାୟକ କର୍ମମୟ ଜୀବନରେ କେତେବେଳେ ହାର୍ ମାନିନାହାନ୍ତି ବୋଲି ଉତ୍‌ଥାପନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯାଜପୁର ଜିଲାର ସର୍ବାଙ୍ଗୀନ ଉନ୍ନତିକଳ୍ପେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ସୂଚନା ଦେଇଥିଲେ। ଜିଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଶ୍ମିରେଖା ପ୍ରଧାନ ଓ ମଧୁମିତା ପୃଷ୍ଟି ମିଳିତ ଭାବେ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲଲା ପରିଷଦର ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷାଅଧ୍ୟକ୍ଷ, ସରପଞ୍ଚ, ବୁଦ୍ଧିଜୀବୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲାସ୍ତରୀୟ ଅଧିକାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

# ବିଜୁ ଜୟନ୍ତୀରେ ଶୋଭାଯାତ୍ରା, ଗଣଦୌଡ଼




ବରୀ ବିଜେଡି ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରାରେ ବିଧାୟିକାଙ୍କ ସମେତ ଅନ୍ୟମାନେ ।

**ବରୀ,୫।୩(ମହେନ୍ଦ୍ର ସ୍ୱାଇଁ):**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବରୀ ବିଜେଡି ପକ୍ଷରୁ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ଏକ ବିଶାଳ ଗଣଦୌଡ଼ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସକାଳେ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅଟିରା ପଞ୍ଚାୟତର ସନ୍ଥନ ମଠ ନିକଟରୁ ପଦଯାତ୍ରା ଓ ଗଣଦୌଡ଼ ଆରମ୍ଭ ହୋଇ ରମ୍ଭା ପଞ୍ଚାୟତର ବରୀ ମାଉଣ୍ଟଠାରେ ଥିବା ମା' ଜାଗୁଲାଇଙ୍କ ପୀଠ ନିକଟରେ ଶେଷ ହୋଇଥିଲା। ଏଥିରେ ବରୀ ବିଜେଡି ସଭାପତି କେଦାର ସାମଲ, ସଂଯୋଜକ ଦେବେନ୍ଦ୍ର ଦାସ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, ରମ୍ଭା ସରପଞ୍ଚ ମାନସ ଜେନା, ବିଜେଡି ଯୁବ ସଭାପତି ରଞ୍ଜନ ପଣ୍ଡା, ପୂର୍ବତନ ସରପଞ୍ଚ ବିଜୟ ନାୟକ, ପ୍ରଦୀପ ଘଡ଼ାଇ, ସାନସୁଆର ସରପଞ୍ଚ ସାଗରିକା ଦାସ ଓ ଛତିଶଦେବିଲ ସରପଞ୍ଚ ବେବିନା ମଲିକଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ସେହିପରି ବ୍ଲକ ଅନ୍ତର୍ଗତ ଅଳିପୁର ପଞ୍ଚାୟତ ଚନ୍ଦ୍ରଶେଖରପୁର ଦୁର୍ଗାପଡ଼ିଆଠାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରସନ୍ନ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ବିଶ୍ୱରଞ୍ଜନ ମଲ୍ଲିକ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ଦିଲୀପ ମହାନ୍ତି, ବରୀ ସରପଞ୍ଚ ସୋନାଲି ସିଂହ, ଅଳିପୁର ସରପଞ୍ଚ ମଧୁସ୍ମିତା ବେହେରା, ବୋଦୁଅ ସରପଞ୍ଚ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ବିଜୁ ବାବୁ ଓଡ଼ିଶାକୁ ଏକ ବିଭବଶାଳୀ ରାଜ୍ୟରେ ପରିଣତ କରିବା ଲାଗି ସ୍ୱପ୍ନ ଦେଖିଥିଲେ ବୋଲି କହିଥିଲେ।

### ପତରାଜପୁରରେ ଭତ୍ତା ବଣ୍ଟନ

**ବାଲିଚନ୍ଦ୍ରପୁର,୫।୩(ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ତନୁଶ୍ରୀ ଦାସଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷା ମିନତି ସେନାପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ନଳୀପୁର ସରପଞ୍ଚ ଅବଦୁଲ ଗନି, ବାଲିଚନ୍ଦ୍ରପୁର ସମିତିସଭ୍ୟା ବନ୍ଦିତା ମହାରଣା, ପୂର୍ବତନ ସରପଞ୍ଚ ଫନୀନ୍ଦ୍ରନାଥ ପଣ୍ଡା, ମନ୍ମଥ କେଶରୀ ସାହେବରାୟ ଓ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ନଳୀପୁର ପଞ୍ଚାୟତର ୧୨୬, ପତରାଜପୁର ପଞ୍ଚାୟତର ୪୧ ଓ ବାଲିଚନ୍ଦ୍ରପୁର ପଞ୍ଚାୟତର ୧୦୬ ଜଣଙ୍କୁ ଅତିଥି ଭତ୍ତା ବଣ୍ଟନ କରିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ଓ ବଡ଼ଚଣାର ବିକାଶ ସମ୍ପର୍କରେ ମତ ରଖିଥିଲେ। ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ରଶ୍ମିରଞ୍ଜନ ବଳ, ଅମୀୟ ବିଶ୍ୱାଳ, ପ୍ରତାପ ସେନାପତି, ଅନ୍ତର୍ଯାମୀ ନାୟକ, ହିମାଂଶୁ ଦାସ, ସେକ୍ ଜୁମା, ସେକ୍ ଜିୱାଲା, ଅନିଲ ସେଠୀ, ନିୟାଜୁଦ୍ଦିନ୍ ଖାଁ, ସେକ୍ ସରାଫତ, କାଙ୍ଗାଳୀ ବେହେରା, ଭରତ ପରମାଣିକ, ସରୋଜ ମଲିକ, ରଞ୍ଜନ ମହାରଣା ଓ ଉମେଶ ମଲିକ ପ୍ରମୁଖ ସହଯୋଗ କରିଥିଲେ।

# ଖବରକାଗଜ ବିତରକ ଅଞ୍ଜନ ସାହୁ ସମ୍ବର୍ଦ୍ଧିତ



**ବାଲିଚନ୍ଦ୍ରପୁର,୫।୩(ଗିରିଜା ପ୍ରସାଦ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଡ଼ଗପୁର ଗ୍ରାମର ଖବରକାଗଜ ବିତରକ ଅଞ୍ଜନ କୁମାର ସାହୁ(ମୂଷା ଭାଇ)ଙ୍କୁ ରାଜ୍ୟସ୍ତରୀୟ ଖବରଦାତା ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଇଛି। ସେ ୪୦ ବର୍ଷ ଧରି ଖବରକାଗଜ ବିତରଣ କରିଆସୁଛନ୍ତି। ସେ ପ୍ରତ୍ୟହ ପ୍ରାତଃ ୫ଟାରୁ ବାଲିଚନ୍ଦ୍ରପୁରଠାରେ ପହଞ୍ଚି ଅପରାହ୍ନ ୪ଟା ପର୍ଯ୍ୟନ୍ତ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ୬୦ କିଲୋମିଟର ପରିକ୍ରମା କରି ଘରେଘରେ ଖବରକାଗଜ ପହଞ୍ଚାଇଥାନ୍ତି। ତାଙ୍କର ସମାଜ ପ୍ରତି ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ରାଜ୍ୟ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଓ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ପ୍ରମିଳା ମଲ୍ଲିକ ସାମ୍ବାଦିକ ୟୁନିୟନ ପକ୍ଷରୁ ସାହୁଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ୟୁନିୟନର ସଭାପତି ଆଦିତ୍ୟ ମେକାପ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସାମ୍ବାଦିକ ୟୁନିୟନ ରାଜ୍ୟ ସଭାପତି ତଥା ପ୍ରେସ୍‌କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ପ୍ରସନ୍ନ ମହାନ୍ତି ଯୋଗଦେଇ ଖବରଦାତାଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେହିପରି ଖବରକାଗଜ ବିତରକ ସାହୁ ଗତ ସପ୍ତାହରେ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି ଫାଉଣ୍ଡେଶନ ଓ ସୋଳପୁଅମା ବିକାଶ ମଞ୍ଚ ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ସମ୍ବର୍ଦ୍ଧନା ପାଇବା ପରେ ସ୍ଥାନୀୟ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ଖବରକାଗଜ ପାଠକ ଓ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ଛତିଆ,୫।୩(ସୌମ୍ୟ ରଞ୍ଜନ ସାହୁ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନେଳିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ନେଳିଆ ସମେତ ଛତିଆ,ଚମ୍ପାପୁର ଆଦି ତିନୋଟି ପଞ୍ଚାୟତର ୨୪୧ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବାସୁଦେବ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ଛତିଆ ସମିତ ସଭ୍ୟ ଦୀପକ ସାହୁ, ପୂର୍ବତନ ପଞ୍ଚାୟତ ସମିତ ଅଧ୍ୟକ୍ଷ ଭାଗ୍ୟଧର ମଲିକ, ସାମଜିକ କର୍ମୀ ଧୀରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ।



# ମହିଳାଙ୍କ ସୁନାଚେନ୍ ଲୁଟ୍

**ପାଣିକୋଇଲି,୫।୩(ବିକାଶ ମଲ୍ଲିକ):**

କୋରେଇ ଥାନା ଅନ୍ତର୍ଗତ ମଙ୍ଗଳାପାଟଣା ଗ୍ରାମର ଶ୍ରୀଧର ଦାସଙ୍କ ସ୍ତ୍ରୀଙ୍କ ସୁନାଚେନ୍ ଲୁଟ୍ ହୋଇଛି। ଦମ୍ପତି ଯାଜପୁର ଟାଉନରୁ ଏକ ବାଇକରେ ଘରକୁ ଫେରୁଥିବାବେଳେ ରୁଡିଆ ବ୍ରିଜ ବାଙ୍କରେ ହଠାତ୍ ଏକ ବାଇକରେ ଦୁଇ ଜଣ ଯୁବକ ଆସି ମହିଳାଙ୍କ ବେକରୁ ଦେଢଭରି ଓଜନର ଏକ ସୁନାହାର ଛିଡାଇ ନେଇ ପଳାଇଥିଲେ। ମହିଳା ଜଣଙ୍କ ବାଇକରୁ ପଡି ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏନେଇ ଶ୍ରୀଧର ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ.୧୨୪/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଧର୍ମଶାଳା ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ

**ଧର୍ମଶାଳା/କାଏମା,୫।୩ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**



ସାଇକେଲ୍ ଶୋଭାଯାତ୍ରାରେ ଧର୍ମଶାଳା ବିଧାୟକ ଓ ଅନ୍ୟମାନେ ।

ଧର୍ମଶାଳା ବିଜେଡି ପକ୍ଷରୁ ମଙ୍ଗଳବାର ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ପାଳିତ ହୋଇଯାଇଛି। ଏହି ସଭାରେ ବ୍ଲକ୍ ବିଜେଡି ସଭାପତି ଜଳଧର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ବିଜୁ ବାବୁଙ୍କ ଆଦର୍ଶ ଉପରେ ଆଲୋକପାତ କରିବା ସହିତ ବିଜୁ ଜନତା ଦଳ ତାଙ୍କ ଆଦର୍ଶରେ ଗଠିତ ହୋଇଛି। ତାଙ୍କ ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିବା ପାଇଁ ଅହରହ ଚେଷ୍ଟିତ ଥିବା ପ୍ରକାଶ କରିଛନ୍ତି। ଏଥିସହିତ ଯୁବପିଢି ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପାରିଲେ ଶ୍ରେଷ୍ଠ ଓଡ଼ିଶା ଗଢି ଉଠିବ ବୋଲି ସେ କହିଛନ୍ତି। ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ ଯୋଗଦେଇ ବିଜୁ ବାବୁଙ୍କ ବିରତ୍ୱର କଥା ପ୍ରକାଶ କରିଥିଲେ। ଏହି ସଭାରେ ପୂର୍ବତନ ଏମ୍‌ପି ରୀତା ତରାଇ, ପୂର୍ବତନ ଜିଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଜିଲା ବିଜେଡି ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର, ସୁରେନ୍ଦ୍ର ପଣ୍ଡା, ଯୁବ ବିଜେଡି ସଭାପତି କ୍ଷୀତିଶ ନାୟକ, ଛାତ୍ରବିଜେଡି ସଭାପତି ଜଗଦାନନ୍ଦ ରାଉତ, ରେଣୁବାଳା ଶତପଥୀ, ବିଶ୍ୱବନ୍ଦନା ଜେନା ଓ କ୍ଷୀରାବ୍ଦୀ ତନୟା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ବଳବନ୍ତରାୟଙ୍କ ନେତୃତ୍ୱରେ ସକାଳେ କାଏମା ପଞ୍ଚାୟତ ଅଫିସଠାରୁ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ବାହାରି କଳ୍ପତରୁ ଷ୍ଟାଡିୟମ ପରିସର ପର୍ଯ୍ୟନ୍ତ ଆସିଥିଲା। ପ୍ରାୟ ୫୦୦୦ ସାଇକେଲଧାରୀଙ୍କ ସହ ବିଧାୟକ ସାଇକେଲ ଚଲାଇ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ଏହାକୁ ସମର୍ପିତ କରିଥିବା କଥା କହିଥିଲେ। ପ୍ରାୟ ୭ କିଲୋମିଟର ଏହି ଶୋଭାଯାତ୍ରାରେ ରାସ୍ତାର ବିଭିନ୍ନ ସ୍ଥାନରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ମହିଳା ଏବଂ ଛାତ୍ରୀମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ।

### ବିଜୁବାବୁ ଥିଲେ ଆଧୁନିକ ଓଡ଼ିଶାର ବିନ୍ଧାଣି

**ବିଞ୍ଝାରପୁର,୫।୩(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବିଜେଡି ପକ୍ଷରୁ ବିଞ୍ଝାରପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଜେଡି ସଭାପତି ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସମ୍ମାନିତ ଅତିଥି ପୂର୍ବତନ ଜିଲା ପରିଷଦ ସଭାପତି ଇଂ. ସୁଶାନ୍ତ ମିଶ୍ର, ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନିତା ନାୟକ, ଖଗେଶର ମହାନ୍ତି, ଜିଲା ବିଜେଡି ଉପସଭାପତି ଇଂ. ଲାୟକ ଅଲ୍ଲୀ ଖାଁ, ବ୍ଲକ ଉପାଧ୍ୟକ୍ଷ ସେକ ଇରସାଦ, ବିଜୁ କୃଷକ ସଭାପତି ନିତ୍ୟାନନ୍ଦ ରାଉତ, ବରିଷ୍ଠ ବିଜେଡି ନେତା ମହେଶର ରାଉତ ଓ ମୂରଲୀଧର ବେହେରା ପ୍ରମୁଖ ଯୋଗଦେଇ ବିଜୁ ବାବୁ ଆଧୁନିକ ଓଡ଼ିଶାର ବିନ୍ଧାଣୀ, ଓଡ଼ିଆଜାତିର କର୍ଣ୍ଣଧାର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦର ବେହେରା, ଅଶୋକ ସାହୁ, ସୁଖ ରଞ୍ଜନ ପରିଡ଼ା, ଲେନିନ ଦାସ, କାମଦେବ ଧଳ, ବସନ୍ତ ମିଶ୍ର, ସୁମାନସ ପଣ୍ଡାଙ୍କ ସମେତ ବହୁ ବିଜୁ ପ୍ରେମୀ ଉପସ୍ଥିତି ଥିଲେ।

# ଜିଲାସ୍ତରୀୟ ବାସୁଦେବ କ୍ରିକେଟ: ରକି ରକ୍ ଷ୍ଟାର୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

**ପାଣିକୋଇଲି,୫।୩(ବିକାଶ ମଲ୍ଲିକ):**

କୋରେଇ ବ୍ଲକ୍ ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି କାଙ୍କଲାଗ୍ରାମରେ ବାସୁଦେବ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୭ମ ବାର୍ଷିକ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରକିରକଷ୍ଟାର ଚାମ୍ପିୟନ ହୋଇଛି।

ପ୍ରତିଯୋଗିତାରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ପାଇଁ ପ୍ରଥମ କ୍ୱାଲିଫାଏ ଟିମ୍ ଭାବେ ରୋମି ରାଇଜିଙ୍ଗ ଷ୍ଟାର ଅନିଲ ୱାରିଅସକୁ ୬ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏଲିମେଟର ଚାମ୍ପିୟନ ରକି ରକ୍ ଷ୍ଟାର ଦ୍ୱିତୀୟ କ୍ୱାଲିଫାୟାର ମ୍ୟାଚରେ ପ୍ରଥମ କ୍ୱାଲିଫାୟାର ମ୍ୟାଚର ପରାଜିତ ଅନିଲ ୱାରିଅସକୁ ୭ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ରୋମି ରାଇଜିଙ୍ଗ ୮ ଓଭରରେ ୫ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିଥିଲା। ଅଭିମନ୍ୟୁ ପରିଡ଼ା ସର୍ବାଧିକ ୨୨ରନ କରିଥିଲେ। ରକି ରକ ଷ୍ଟାର ୪୯ ରନର ବିଜୟ ଲକ୍ଷ୍ୟ ନେଇ ୭ଓଭରରେ ୩ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଦଳର ରଞ୍ଜନ ସାହୁ ସର୍ବାଧିକ ୩୦ ରନ ସଂଗ୍ରହ କରି ଦଳକୁ ବିଜୟୀ କରିଥିଲେ। ଖେଳକୁ ପଙ୍କଜ ସାହୁ, ସତ୍ୟରଞ୍ଜନ ସାହୁ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ସମ୍ବିତ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଭାବେ କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ, ସମ୍ମାନିତ ଅତିଥି ସାମାଜିକ କର୍ମୀ ସୂର୍ଯ୍ୟମଣି ପଣ୍ଡା ଯୋଗଦେଇ ବିଜୟୀ ଓ ପରାଜିତ ଦଳ ସମେତ ଚାମ୍ପିୟନ ଟିମ୍‌ର କ୍ୟାପଟେନ ରଞ୍ଜନ ସାହୁ, ମ୍ୟାନ୍‌ଅଫ ଦି ସିରିଜ ରକି ରକଷ୍ଟାରର ରସଲଙ୍କୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟି ପକ୍ଷରୁ ଓମ୍‌ପ୍ରକାଶ ସାହୁ ଓ ସତ୍ୟରଞ୍ଜନ ସାହୁ ଖେଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟ**

ମାର୍ଶାଘାଇ, (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ): ପାଟକୁରା ଥାନା ଅନ୍ତର୍ଗତ ଶାସନିପଡା ଗାଁର ଧରିତ୍ରୀ ମାର୍ଶାଘାଇ ବ୍ଲକର ଖବରଦାତା ଶୁଭେନ୍ଦୁ ପ୍ରସାଦ ଚୌଧୁରୀଙ୍କ ପତ୍ନୀ କନକଦୁର୍ଗା ସେତୁ ଉପରେ ମଙ୍ଗଳବାର ପ୍ରାତଃ ଭ୍ରମଣରେ ବଡ଼ ଯାଆ ସହ ଯାଉଥିବାବେଳେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ତାଙ୍କ ବେକରୁ ମଙ୍ଗଳସୂତ୍ର ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ସ୍ୱାମୀ ଚୌଧୁରୀ ପାଟକୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ. ୬୨/୨୪ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଦିପ୍ତୀମୟୀ ରାଉତ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ନୂଆ-ଓ ଛାତ୍ର ବୃତ୍ତି ବଣ୍ଟନ

କୁଜଙ୍ଗ/ପାରାଦୀପ,୫।୩ (ମନୋଜ ପ୍ରଧାନ/ଶରତ ରାଉତ): ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ୫୪ ଜଣ ଛାତ୍ରୀଛାତ୍ରଙ୍କୁ ନୂଆ-ଓ ଛାତ୍ର ବୃତ୍ତି ବଣ୍ଟନ କରାଯାଇଛି । ଛାତ୍ରୀଛାତ୍ରମାନେ ଏହି ଅର୍ଥର ସଦ୍‌ବିନିଯୋଗ କରି ଶିକ୍ଷାକ୍ଷେତ୍ରକୁ ଅଧିକ ସୁଦୃଢ଼ କରିବାକୁ କଲେଜର ଅଧକ୍ଷ ଅଧ୍ୟାପକ ପ୍ରତାପ ମହାପାତ୍ର କହିଛନ୍ତି। ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ଡା. ଗଙ୍ଗାଧର ସାମନ୍ତରାୟ, ମନୋଜ ପ୍ରଧାନ, ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ, ଆଡଭୋକେଟ କୈଳାସ ପରିଡା, ଡା. ଇସ୍ତାକାର ଆକ୍‌ବର, ଖବରଦାତା ଦୁଷ୍ମନ୍ତ ମାଝି, ଅଧ୍ୟାପକ ନିରଞ୍ଜନ ରାଉତ, ପଣ୍ଡିତ କୈଳାସ ଚନ୍ଦ୍ର ବେହେରା, ବିଚିତ୍ରାନନ୍ଦ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ ବଣ୍ଟନ କରିଥିଲେ । ଡ. ହେମନ୍ତ କୁମାର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ପାରାଦୀପ କଲେଜ ପରିସରରେ ମଙ୍ଗଳବାର ନୂଆ-ଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ୮୩୪ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରମାଣପତ୍ର ବଣ୍ଟନ କରିଥିଲେ। କଲେଜ ଅଧକ୍ଷା ସସ୍ମିତା ଶତପଥୀ, ଅଧ୍ୟାପକ ଗଣେଶ୍ୱର ପାତ୍ର, ଅକ୍ଷୟ ମିଶ୍ର, କାଉନ୍‌ସିଲର ପ୍ରଭାତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ୧୯୭୦ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ବିତରଣ
### ଶୈଳେନ୍ଦ୍ର ନାରାୟଣ, ଓଲାଭର ମହାବିଦ୍ୟାଳୟ

ରାଜକନିକା,୫।୩(ସଞ୍ଜୟ କୁମାର ଦାଶ) ରାଜକନିକା ବ୍ଲକ ସଦରରେ ଅବସ୍ଥିତ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ନୂଆ-ଓ ଛାତ୍ରବୃତ୍ତି ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ସୁରେଖା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ କଣ୍ଟପଡା ପଞ୍ଚାୟତ ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା, ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁନ୍ଦଦେବ ଦାସ, ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ ଜ୍ୟୋତିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଉଚ୍ଚଶିକ୍ଷା ପାଇଁ ଅର୍ଥ ଆଉ ସାଜିବନି ବାଧକ, ଛାତ୍ରବୃତ୍ତି ହେବ ସହାୟକ ବୋଲି କହିଥିଲେ। ମହାବିଦ୍ୟାଳୟର ମୋଟ ୧୪୫୦ ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତି ସେମାନଙ୍କ ବ୍ୟାଙ୍କ ଖାତାକୁ ଆସିଛି ବୋଲି ଅଧକ୍ଷା ରାଉତ କହିଥିଲେ। ଅଧ୍ୟାପକ ଅଜୟ କୁଣ୍ଡୁ ସଭା ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ସେହିପରି ଓଲାଭର ମହାବିଦ୍ୟାଳୟ ପରିସରରେ ନୂଆ-ଓ ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ ଅଧକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ମିନତି ରାଉତ, ମୁଖ୍ୟ ବକ୍ତା ଓଲାଭର ପଞ୍ଚାୟତ ସରପଞ୍ଚ ନହୁସ ନାୟକ ଓ ସମ୍ମାନିତ ଅତିଥି ଭାବେ ବଳରାମପୁର ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣଲତା ବେହେରା ଯୋଗ ଦେଇଥିଲେ। ମହାବିଦ୍ୟାଳୟର ୫୨୦ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ସେମାନଙ୍କ ବ୍ୟାଙ୍କ ଖାତାକୁ ଆସିଛି ବୋଲି ଅଧକ୍ଷ ବେହେରା ସୂଚନା ଦେଇଥିଲେ। ଇଂରାଜି ବିଭାଗ ମୁଖ୍ୟ ଉଷାରାଣୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ମୁରଲୀଧର କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୂଆ-ଓ'ର ନୋଡାଲ ଅଫିସର ଅଧ୍ୟାପକ ପ୍ରତାପ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ

ରାଜନଗର, ୫।୩(ଭାସ୍କର ରାଉତରାୟ) ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନୂଆ-ଓ ବୃତ୍ତି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଛାତ୍ର ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ମହାବିଦ୍ୟାଳୟର ୮୯୪ଜଣ ଛାତ୍ରୀଛାତ୍ରଙ୍କ ଖାତାକୁ ଡିଜିଟାଲ ପେମେଣ୍ଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ନୋଡାଲ ଅଫିସର ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଧ୍ୟାପକ ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ବିଜୁବାବୁଙ୍କ ଥିଲା କର୍ମସ୍ଥଳୀ

**ଜିଲାସ୍ତରୀୟ ବିଜୁବାବୁଙ୍କ ଜୟନ୍ତୀ, ପଞ୍ଚାୟତିରାଜ ଦିବସ**



କେନ୍ଦ୍ରାପଡ଼ା ଟାଉନ ହଲ୍‌ରେ ବିଜୁ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ବିଜେଡି ନେତାମାନେ।

କେନ୍ଦ୍ରାପଡା, ୫।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଜିଲା ଡିଆରଡିଏ ହଲ୍‌ରେ ପଞ୍ଚାୟତିରାଜ ଦିବସ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ପରିଷଦ ଅଧକ୍ଷା ଗୀତାଞ୍ଜଳି ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଦିବସ ପାଳନ ସମ୍ପର୍କରେ ଆଲୋକପାତ କରାଯିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତୃଣମୂଳସ୍ତରରେ ପହଞ୍ଚି ଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଏଡିଏମ୍ ନିଲୁ ମହାପାତ୍ର, ପିଡି ରାଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ ପ୍ରକାଶ କରିଥିଲେ, କେନ୍ଦ୍ରାପଡ଼ାକୁ ବିଜୁବାବୁ ନିଜର କର୍ମସ୍ଥଳୀ ଭାବେ ବାଛିଥିଲେ। ବିଜୁବାବୁଙ୍କ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ରାମରାଜ୍ୟର ଗଠନ ସ୍ୱପ୍ନକୁ ପୂରଣ ପାଇଁ ତୃଣମୂଳସ୍ତରରେ ଥିବା ଲୋକଙ୍କ ମୌଳିକ ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ଏହି ବ୍ୟବସ୍ଥାରେ ଗ୍ରାମ୍ୟ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ନାରୀଙ୍କୁ ସ୍ୱାବଲମ୍ବୀ ସହ ସଶକ୍ତୀକରଣ କରାଯାଇଛି। ଖାଦ୍ୟ, ପାନୀୟଜଳ, ଯାତାୟାତ ପଥ, ବିଦ୍ୟୁତ୍, ବାସଗୃହ ଆଦି ମୌଳିକ ଆବଶ୍ୟକତାକୁ ପୂରଣ କରାଯାଉଛି। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପଞ୍ଚାୟତିରାଜ ବିଭାଗର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ଓ ପଞ୍ଚାୟତିରାଜ ଦିବସ କେନ୍ଦ୍ରାପଡା ଜିଲାର ବିଭିନ୍ନସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବିଧାନସଭାସ୍ତରୀୟ ଉତ୍ସବ ପାଇଁ ବିଧାୟକ ବେହେରାଙ୍କ ନେତୃତ୍ୱରେ ଦିନ ସାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସହରର ଟାଉନହଲଠାରେ ଜିଲା ବିଜେଡି ସଭାପତି ଧୀରେନ ସାହୁଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ବେହେରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲା ପରିଷଦ ଅଧକ୍ଷା ସେଠୀ, ପୌରାଧକ୍ଷା ସରିତା ସାହୁ, ବ୍ଲକ ସଭାପତି ଆଲୋକ ସାହୁ, ସମବାୟବିତ୍ ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଜୁବାବୁ ଓ ଓଡ଼ିଶା ପାଇଁ ତାଙ୍କର ସ୍ୱପ୍ନ ସମ୍ପର୍କରେ ବକ୍ତାମାନେ ମତ ରଖିଥିଲେ। ସେମାନେ କହିଥିଲେ, ତୃଣମୂଳ ସମସ୍ୟା ସମ୍ପର୍କରେ ଅବଗତ ରହି ଜିଲାର ଉନ୍ନତି ପାଇଁ ବହୁ ସ୍ୱପ୍ନ ବିଜୁବାବୁ ଦେଖିଥିଲେ। ରାଜ୍ୟରେ ବିଜେଡି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସ୍ୱପ୍ନକୁ ପୂରଣ କରୁଛନ୍ତି। ଗାଁକୁ କାମ, ମା'କୁ ସମ୍ମାନ ପରି ମହିଳା ସଶକ୍ତିକରଣଠାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତାକୁ ଦୀର୍ଘ ୨୪ ବର୍ଷ ଧରି ପୂରଣ କରିଛନ୍ତି। ଏହାବ୍ୟତିତ ଓଡ଼ିଶାକୁ ଏକ ସୁସ୍ଥ ଓ ସମୃଦ୍ଧ ରାଜ୍ୟ ଭାବେ ପରିଚିତି କରିବାକୁ ଉଦ୍ୟମ ଜାରି ରହିଛି। ଏହି ସଭାକୁ ନଗର ସଭାପତି ଯଜାତି ମହାନ୍ତି, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ହତ୍ୟା ମାମଲାରେ ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା, ୫।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ସିମୁଳିଆ ଗାଁର ୨୦୨୦ର ଏକ ହତ୍ୟା ଓ ମରଣାନ୍ତକ ଆକ୍ରମଣ ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଏହି ମାମଲା ନଂ.୧୮୮/୨୦ର ଶୁଣାଣି ହୋଇ ଗ୍ରାମର ଶିବପ୍ରସାଦ ସ୍ୱାଇଁ, ପରିକ୍ଷିତ ସ୍ୱାଇଁ, ଦିଲୀପ କୁମାର ନାୟକ, କିଶୋର କୁମାର ଜେନା ଓ ନଳିନୀପ୍ରଭା ସ୍ୱାଇଁଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଦିଆଯାଇଛି। ଏଥିସହ ଜରିମାନା ବାବଦ ୩୦ ହଜାର ଟଙ୍କା ଅନାଦାୟେ ୧ ମାସ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ଅଛି। ଏହି ମାମଲାକୁ ଏଡିଜେ ଅଜୟ କୁମାର ପ୍ରଧାନ ଶୁଣାଣି କରିଥିଲେ। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସରକାରୀ ଓକିଲ ସଞ୍ଜୟ ଜେନା କହିଛନ୍ତି ଯେ, ଜମି ବିବାଦ ପାଇଁ ଏହି ମାମଲା ହୋଇଥିଲା। ୨୦୨୦ ମେ' ୨୯ ସକାଳେ ଗ୍ରାମର କୁସୁମ ସ୍ୱାଇଁ, ଦେବ ପ୍ରସାଦ ସ୍ୱାଇଁ ଓ ମୀରା ସ୍ୱାଇଁ ଜମିର ବାଡ ନିର୍ମାଣ କରୁଥିଲେ। ଏହି ସମୟରେ ଉପରୋକ୍ତ ବ୍ୟକ୍ତିମାନେ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣା ପରେ କୁସୁମଙ୍କ ମୃତ୍ୟୁ ହୋଇଥିବା ବେଳେ କିଶୋରଙ୍କ ହାତ କଟି ଯାଇଥିଲା। ଏ ସମ୍ପର୍କରେ ଦେବ ପ୍ରସାଦ ଓ ମୀରା ଥାନାରେ ଅଭିଯୋଗପତ୍ର ଦେଇଥିଲେ। ମାମଲା ପରିଚାଳନା ସମୟରେ ୨୮ଜଣଙ୍କ ସାକ୍ଷୀ ନିଆଯାଇଥିବା ସରକାରୀ ଓକିଲ ଜେନା ସୂଚନା ଦେଇଛନ୍ତି।

## କେସିସିଏଲ୍ ରାଜକନିକା ଶାଖାର ସ୍ୱନକ୍ଷତ୍ର ପାଳିତ


ରାଜକନିକାରେ କେସିସିଏଲ୍ ସଭାପତି ପ୍ରମୋଦ କୁମାର ସାହୁଙ୍କୁ ସ୍ୱାଗତ କରାଯାଉଛି।

ରାଜକନିକା,୫।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସଦରରେ ଅବସ୍ଥିତ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟ୍ ଲିମିଟେଡ(କେସିସିଏଲ) ରାଜକନିକା ଶାଖାର ୨୧ତମ ସ୍ୱନକ୍ଷତ୍ର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି ପ୍ରମୋଦ କୁମାର ସାହୁ ଯୋଗଦେଇ ଜମାକାରୀଙ୍କୁ ଖୁସି କରାଇବାକୁ ସୋସାଇଟ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଯୋଜନା ରଖାଯାଇଛି ବୋଲି କହିଥିଲେ। ସମ୍ପାଦକ ପ୍ରହଲ୍ଲାଦ ପଣ୍ଡା, ଶାଖା ପରିଚାଳକ ସୁକାନ୍ତ ପତି, ରାହାମା ଶାଖା ପରିଚାଳକ ସୌମେନ୍ଦ୍ର ଦାସ, ସୁବାସ ପରିଡା, ଝୁନିନାଥ ଶର୍ମା, ଶର୍ମିଷ୍ଠା ମାହାଲା, ମହେନ୍ଦ୍ର ବସନ୍ତିଆ, ସେକ୍ ବାସୁ, ରଞ୍ଜିତ ସାହୁ, ଉଦୟଭାନୁ ମିଶ୍ର, ରବୀନ୍ଦ୍ର ସାହୁ, ଏଜେଣ୍ଟ ଗୋପାଳ ଚନ୍ଦ୍ର ସାହୁ, ବିକାଶ ଚନ୍ଦ୍ର ପାଣିଗ୍ରାହୀ, ଛିଦାନନ୍ଦ ଦାସ, ଚନ୍ଦ୍ର ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପଣ୍ଡୁଆ, ଏରସମା, ଗୋପାଳପୁର ପଞ୍ଚାୟତ ପୁରସ୍କୃତ

**ଜିଲାସ୍ତରୀୟ ଲୋକସେବା ଦିବସ**

- ପୁଷ୍ଟି ପଞ୍ଚାୟତ ହେଲା ତଅଁରା
- ବେନୁପୁର, ସାଇଁତୋଲ ଓ ଗଡ଼ରଡ଼ଙ୍ଗ ଅଙ୍ଗନୱାଡି କେନ୍ଦ୍ର ସମ୍ମାନିତ

ଜଗତ୍‌ସିଂହପୁର, ୫।୩
(ପ୍ରମୋଦ କୁମାର ନାୟକ)


ଲୋକସେବା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଜିଲାର ଶ୍ରେଷ୍ଠ ପଞ୍ଚାୟତ ହେବାର ଗୌରବ ହାସଲ କରିଛି କୁଜଙ୍ଗ ବ୍ଲକର ପଣ୍ଡୁଆ ଗ୍ରାମପଞ୍ଚାୟତ। ଏହି ପଞ୍ଚାୟତକୁ ସରକାର ସମ୍ମାନ ସ୍ୱରୂପ ୧ ଲକ୍ଷ ୫୦ ହଜାର ଟଙ୍କାର ବିଜୁ ପଟ୍ଟନାୟକ ସଶକ୍ତୀକରଣ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଏରସମା ପଞ୍ଚାୟତକୁ ୧ ଲକ୍ଷ ୨୫ ହଜାର ଓ ତିର୍ତ୍ତୋଲ ବ୍ଲକର ଗୋପାଳପୁର (ଏସ୍)କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଦିଆଯାଇଛି। ଅନ୍ୟପଟେ ରଘୁନାଥପୁର ବ୍ଲକର ତଅଁରା ଗ୍ରାମପଞ୍ଚାୟତକୁ ପୃଷ୍ଟି ପଞ୍ଚାୟତ ଭାବେ ସମ୍ମାନିତ କରାଯାଇଛି। ଏ ବାବଦରେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୩ ଅଙ୍ଗନୱାଡି କେନ୍ଦ୍ର ଯଥା ଜଗତ୍‌ସିଂହପୁର ବ୍ଲକର ବେନୁପୁର(ବି)କୁ ୨୦ ହଜାର, ଏରସମା ବ୍ଲକର ସାଇଁତୋଲକୁ ୧୫ ହଜାର ଓ ବାଲିକୁଦ ବ୍ଲକର ଗଡ଼ରଡ଼ଙ୍ଗକୁ ୧୦ ହଜାର ଟଙ୍କା ହିସାବରେ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ତଥା ଲୋକସେବା ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ପଞ୍ଚାୟତ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ପୁରସ୍କୃତ କରାଯାଇଛି। ଅତିରିକ୍ତ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରବାଦପୁରୁଷ ବିଜୁ ବାବୁ ସଦାସର୍ବଦା ଓଡ଼ିଶା ରାଜ୍ୟକୁ ବିକାଶ ପଥରେ ଆଗେଇ ନେବା ପାଇଁ ଚେଷ୍ଟିତ ଥିଲେ। ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଚେଷ୍ଟା ଜାରି ରଖିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣଠାରୁ ଆରମ୍ଭ କରି ମିଶନ ଶକ୍ତି ତଥା ୫ଟି ଅନ୍ତର୍ଗତ ବିଭିନ୍ନ ଯୋଜନାର ସଫଳ ରୂପାନ୍ତରୀକରଣ ଫଳରେ ରାଜ୍ୟରେ ଅଭୂତପୂର୍ବ ଉନ୍ନତି ଆସିଛି। ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ କହିଥିଲେ, ବିଜୁବାବୁଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ୧୩ରୁ ୩୦ଟି ଜିଲା ଗଠନ ହୋଇଛି। ପ୍ରଶାସନକୁ ପଞ୍ଚାୟତସ୍ତରରେ ପହଞ୍ଚାଇବା ପାଇଁ ସେ ଉଦ୍ୟମ କରିଥିଲେ। ତେଣୁ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବା ପାଇଁ ଜେଠୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ପଣ୍ଡା ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଓ ଶେଷରେ ଜିଲା ପଞ୍ଚାୟତ ଅଧିକାରୀ ଚକ୍ରଧର ମାହାଳି ଧନ୍ୟବାଦ ଦେଇଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟା, ସଦସ୍ୟ, ସରପଞ୍ଚ, ସମିତିସଭ୍ୟ, ଜିଲାସ୍ତରୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ରାଜନଗରରେ ପଞ୍ଚାୟତିରାଜ ଦିବସ

ରାଜନଗର, ୫।୩( ଭାସ୍କର ରାଉତରାୟ)

ରାଜନଗର ବ୍ଲକ ପଂଚାୟତ ସମିତି ସଭାଗୃହରେ ପଂଚାୟତରାଜ ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଳ ବଳ ମୁଖ୍ୟବକ୍ତା, ୩୦ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ରଶ୍ମୀ ରଂଜନ ମର୍ହୀ, ସିଡିପିଓ ସଂାକ୍ଷିନୀ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କ ଜୀବନୀ ସଂପର୍କରେ ଆଲୋକପାତ କରିବା ସହ ରାଜନଗର ମାଟି ବିଜୁ ବାବୁଙ୍କୁ ଦେଇଥିବା ରାଜନୈତିକ ଜୀବନ୍ୟାସ ସଂପର୍କରେ କହିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବଳ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଓ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାଃ. ମର୍ହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଂଚାୟତ ସଂପ୍ରସାରଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜକନିକାରେ ଲୋକସେବା ଦିବସ ପାଳିତ

ରାଜକନିକା,୫।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଥିବା ପଞ୍ଚାୟତ ସମିତି ସଭାଗୃହରେ ମଙ୍ଗଳବାର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭା ଆୟୋଜିତ ହୋଇଥିଲା। ବିଡିଓ ପୃଥ୍ୱୀରାଜ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ମିନତି ରାଉତ, ମୁଖ୍ୟ ବକ୍ତା ଭାବେ ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ପବିତ୍ର ରାଉତ, ଉପାଧକ୍ଷ ତନ୍ମୟ ରଞ୍ଜନ ଦାସ, ୨୯ନଂ. ଜୋନ ଜିଲା ପରିଷଦ ସଭ୍ୟା ଅମିତା ସାହୁ ଓ ଜିପିଓ ଦାୟିତ୍ୱରେ ଥିବା ରଞ୍ଜିତ ପରିଡା ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥା ମଧ୍ୟରେ ସୁଦୃଢ଼ ଓଡ଼ିଶା ନିର୍ମାଣର ସ୍ୱପ୍ନ ଦେଖିଥିବା ବିଜୁବାବୁଙ୍କ ଜୀବନ ଦର୍ଶନର ରୋମନ୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୨୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଉପସ୍ଥିତ ଥିବା ବେଳେ ହାଟସାହି ସରପଞ୍ଚ ସୀତାରାଣୀ ଦାସ ଓ ବଳରାମପୁର ସରପଞ୍ଚ ସ୍ୱର୍ଣ୍ଣଲତା ବେହୁରା ନିଜସ୍ୱ ବକ୍ତବ୍ୟ ରଖିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ରଞ୍ଜନ ସାମଲ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ମିଶନ ଶକ୍ତି ବ୍ଲକ ସଂଯୋଜକ ସୁଶାନ୍ତ କୁମାର ମଲିକ ଓ ସମସ୍ତ ସିଆର୍‌ପିମାନେ ଉପସ୍ଥିତ ଥିଲେ।

# 'ନିନ୍ଦୁକଙ୍କ ଅଗ୍ରଗତି ହୁଏନା'


କୁଜଙ୍ଗରେ ବିଜୁ ଜୟନ୍ତୀ ଉତ୍ସବରେ ବିଜେଡି ନେତାମାନେ।

କୁଜଙ୍ଗ,୫।୩ (ମନୋଜ ପ୍ରଧାନ)

**ବିଜୁ ଜୟନ୍ତୀରେ ବିରୋଧୀଙ୍କୁ ଜବାବ ଦେଲେ ସମ୍ବିତ**

ଅନ୍ୟକୁ ନିନ୍ଦା କରୁଥିବା ବ୍ୟକ୍ତି ନିଜକୁ ନିନ୍ଦାକରିବା ସହ ସମାନ। ନିନ୍ଦୁକମାନଙ୍କର ଅଗ୍ରଗତି ହୁଏନା କି ଏକତା ନ ଥାଏ ବୋଲି ବିଜୁ ଜୟନ୍ତୀ ପାଳନ ଅବସରରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଦଳୀୟ ବିରୋଧୀ ଓ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ କଟାକ୍ଷ କରି କହିଛନ୍ତି। ସୋମବାର କୁଜଙ୍ଗର ଏକ ଘରୋଇ ମଣ୍ଡପରେ ପାରାଦୀପ ପୌରପାଳ ବସନ୍ତ କୁମାର ବିଶ୍ୱାଳ, କୁଜଙ୍ଗ ବ୍ଲକର ଦୁଇ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରା ଓ ଦିଲୀପ ମହାପାତ୍ରଙ୍କ ସମେତ ଅନେକ ବିଜେଡି କର୍ମୀ ଏକାଠି ହୋଇ ବିଧାୟକଙ୍କୁ ଅପାରଗ ଓ ଅଯୋଗ୍ୟ କହି ସମାଲୋଚନା କରିଥିଲେ । ଏହାର ଜବାବ ଦେବାକୁ ଯାଇ ବିଧାୟକ ରାଉତରାୟ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା ଏଥିରେ ଅଧକ୍ଷତା କରିଥିବାବେଳେ ବ୍ଲକ ଯୁବ ବିଜେଡି ସଭାପତି ଅରୁ ପ୍ରସାଦ ମହାନ୍ତି ସଞ୍ଚାଳନ କରିଥିଲେ। ବିଶିଷ୍ଟ ଅତିଥିଭାବେ ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲ ଯୋଗଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଏକ ମନ, ଏକ ପ୍ରାଣରେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ ସ୍ୱାଇଁ, ବ୍ଲକ କାର୍ଯ୍ୟକାରୀ ସଭାପତି ସୁଢଳ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ଜିଲାପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, ବରିଷ୍ଠ ନେତା ବାଳକୃଷ୍ଣ ଜେନା ପ୍ରମୁଖ ଯୋଗଦେଇଥିଲେ।

# ପ୍ରତିଟି ଓଡ଼ିଆଙ୍କ ହୃଦୟର ମଣିଷ ଥିଲେ ବିଜୁବାବୁ

ମାର୍ଶାଘାଇ,୫।୩
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )


ମାର୍ଶାଘାଇରେ ଅନୁଷ୍ଠିତ ବିଜୁ ଜୟନ୍ତୀରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ପ୍ରତିଟି ଓଡ଼ିଆଙ୍କ ହୃଦୟର ମଣିଷ ଥିଲେ। ସେ ରାଜନୈତିକ ବିଚାରଧାରାରୁ ଊର୍ଦ୍ଧ୍ୱରେ ରହି ମୋ ଓଡ଼ିଶା ବୋଲି କହୁଥିଲେ। ତେଣୁ ତାଙ୍କ ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ ହେଲେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଗିରଙ୍ଗ ମୋହନ ମୁରଲୀ ପୀଠରେ ବିଜୁବାବୁଙ୍କ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ନାୟକ ତାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତ, ଜିଲା ବିଜେଡି ସଭାପତି ଧୀରେନ ସାହୁ, ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଜିଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ ଆମ୍ବା ଅଧକ୍ଷ ପ୍ରଦୀପ୍ତ ଗାହଣ ଓ ବିଜୟ ଜେନା ଉପସ୍ଥିତ ଥିଲେ।

ପାଟକୁରା, (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁବାବୁଙ୍କ ଜୟନ୍ତୀ ଗରଦପୁର ବ୍ଲକ ଅଧୀନ ଚଅଁପୁର ହାଟ ପଡିଆ ନିକଟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସାବିତ୍ରୀ ଆଗ୍ରୱାଲ ଓ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଜୁବାବୁଙ୍କ ବହୁମୁଖୀ ପ୍ରତିଭାର ଆଲୋଚନା କରିଥିଲେ। ଜିଲାପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ଗରଦପୁର ବ୍ଲକ ଅଧକ୍ଷ ଅଭୟ ମହାରାଜ, ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟ ପ୍ରମୋଦ ରଥ, ଅରବିନ୍ଦ ମଲ୍ଲିକ, ଧନେଶ୍ୱର ସେଠୀ, ଏଲିଯା ସ୍ୱାଇଁ, ସରପଞ୍ଚ ଅମୀୟ ଜେନା, ସଭ୍ୟା ମହେଶ୍ୱେତା ସାମଲ ପ୍ରମୁଖ ଯୋଗ ଦେଇଥିଲେ।

ଡେରାବିଶ, (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ କୃଷକ ଭବନ ପରିସରରେ ବିଜୁବାବୁଙ୍କ ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଡେରାବିଶର ଅସ୍ମିତା ଓ ପାଟକୁରା ସ୍ୱାଭିମାନ ମଞ୍ଚ ପକ୍ଷରୁ ଏବଂ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ମିଳିତ ସହଯୋଗରେ ଜୟନ୍ତୀ ସମାରୋହରେ ଜିଲା ଚାଷୀ ଓ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡ଼ା, ଡେରାବିଶ ବ୍ଲକ ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତି ମଲ୍ଲିକ, ସମ୍ମାନିତ ଅତିଥି ଭାବେ ହଳଧର ଦାଶ, ଅଲେଖ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ମହାପାତ୍ର, ଅମ୍ବିକା ପ୍ରସାଦ ରଥ, ସ୍ୱାଭିମାନ ମଞ୍ଚର ଆବାହକ ମହେନ୍ଦ୍ର କୁମାର ସିଂ, ସାମାଜିକ କର୍ମୀ ସଚ୍ଚିଦାନନ୍ଦ ରଥ, ପୂର୍ବତନ ସରପଞ୍ଚ ବିପିନି ବିହାରୀ ସାହୁ, ସରପଞ୍ଚ ଅରକ୍ଷିତ କାଣ୍ଡି ପ୍ରମୁଖ ଯୋଗଦେଇଥିଲେ।

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ରାଜନଗର ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ବିଜେଡି ବ୍ଲକ ସଭାପତି କିଶୋର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇଥିଲେ। ନୂତନ ଭାବେ ବିଜେଡିକୁ ଆଗମନ କରିଥିବା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ତାଙ୍କ ସମର୍ଥକମାନେ କେହି ଯୋଗ ଦେଇନାହାନ୍ତି। ମଙ୍ଗଳବାର ରାଜନଗର ନିର୍ବାଚନମଣ୍ଡଳୀରେ ବିଜୁବାବୁଙ୍କ ଜୟନ୍ତୀ ବିଭିନ୍ନ ସ୍ଥାନରେ ପାଳନ ହେଉଥିବା ବେଳେ ଅଂଶୁମାନ ଓ ତାଙ୍କ ସମର୍ଥକଙ୍କ ଅନୁପସ୍ଥିତିକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି।

ରାଜନଗର, ( ଭାସ୍କର ରାଉତରାୟ)

ବିଜବାବୁଙ୍କ ଜୟନ୍ତୀ ଅବସରରେ ବ୍ଲକ ବିଜେଡି ପକ୍ଷରୁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତୀ ଓ ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଦିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଆମ୍ବାର ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ଜିଲା ଓବିସି ସେଲ ସଭାପତି ବିଜୟ ନାୟକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

(ହିଞ୍ଜିଳିକାଟୁ,୫।୩(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ସମରଝୋଳ ଗ୍ରାମ ଦଣ୍ଡକାଳୀ ପୋଖରୀରେ ବୁଡ଼ି ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସମରଝୋଳର ବି.ମଙ୍ଗଳା (୬୭)। ଅପରାହ୍ନରେ ମଙ୍ଗଳା ଗାଧୋଇବାକୁ ପୋଖରୀକୁ ଯାଇଥିବା ବେଳେ କୌଣସି କାରଣରୁ ବୁଡ଼ି ଯାଇଥିଲେ। ଜଣେ ମହିଳା ଏହାଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମର କେତେଜଣ ଲୋକ ପୋଖରୀରେ ପଶି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ହିଞ୍ଜିଳିକାଟୁ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପାଣିରୁ ମଙ୍ଗଳାଙ୍କୁ ଉଦ୍ଧାର କରିବା ପରେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରିଛି।ଏ ନେଇ ନଂ. ୮/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

ଆସିକା,୫।୩(ସୁରେନ୍ଦ୍ର ନାଥ ସାହୁ)

ଆସିକା ଥାନା ଠେଙ୍ଗାପଲ୍ଲୀ ଗ୍ରାମ ସଂଲଗ୍ନ ଋଷିକୂଲ୍ୟା ନଦୀ ପଠାରେ ରବିବାର ମଧ୍ୟରାତ୍ରରେ ଡକାୟତି ଲାଗି ଯୋଜନା କରୁଥିବା ୫ ଜଣଙ୍କୁ ପୋଲିସ ଗିରଫ କରିଛି । ସେମାନେ ହେଲେ ଆସିକା ସୁନାମ୍ଭ ସାହିର ସୁରେଶ କୁମାର ପାତ୍ର, ଗୁଣ୍ଡୁପଡାର ଉମେଶ ପାତ୍ର, ନବରତ୍ନପୁର ଗ୍ରାମର ସିଲୁ ପୋଲାଇ, ଆସିକା ଦଳିତ ସାହିର ଗଣେଶ ବେହେରା ଓ ଗୌଡଗୋଠର କାଳୁଚରଣ ନାହାକ । ଅଭିଯୁକ୍ତମାନଙ୍କ ନିକଟରୁ ପୋଲିସ ୨ଟି ବାଇକ, ବୋମା ପ୍ରସ୍ତୁତି ସାମଗ୍ରୀ, ମଦ ବୋତଲ ଗୋଟିଏ ଛୁରି, ଖଣ୍ଡା, ଲୁହାରଡ ଓ ଲଙ୍କାଗୁଣ୍ଡ ଆଦି ଜବତ କରାଯାଇଛି। ଏ ନେଇ ନଂ.୧୫୨/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆସିକା ଥାନାରେ ପୂର୍ବରୁ ଏକାଧିକ ମାମଲା ରହିଥିବା ଜଣାଯାଇଛି । ଆସିକା ଥାନା ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅପରାଧି ଧରପଗଡ ଚାଲିଥିବା ବେଳେ ପୋଲିସ ଏହି ଡକାୟତି ଉଦ୍ୟମ ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ ଚଢାଉ କରିଥିଲା।

### କାର୍ ସହ ଗଞ୍ଜେଇ ଜବତ, ୨ ଗିରଫ

ଫିରିଙ୍ଗିଆ,୫।୩(ବିକ୍ରମ ଦିଗାଲ)

ଫିରିଙ୍ଗିଆ ଥାନା ବନ୍ଧଗଡ଼ ପଞ୍ଚାୟତ ଅନ୍ତର୍ଗତ ମଣିପଦର ଗାଁ ନିକଟ ମୁଖ୍ୟ ରାସ୍ତାରୁ ପୋଲିସ ଏକ କାର ସହ ୧୨୬ କି.ଗ୍ରା ଗଞ୍ଜେଇ ଜବତ କରିଛି। ଏଥିସହ ଗଞ୍ଜେଇ ଚାଲାଣ କରୁଥିବା ୨ ବ୍ୟବସାୟୀଙ୍କୁ ଗିରଫ କରିଛି । ସେମାନେ ହେଲେ ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ଅନ୍ଧାରୀ ଗାଁର ଜ୍ଞାନରଞ୍ଜନ ପୃଷ୍ଟି ଓ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡପଦର ଗାଁର ସୁକାନ୍ତ ଜେନା । ଉଭୟେ ଗୋଟିଏ କାରରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ଫିରିଙ୍ଗିଆ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅତିରିକ୍ତ ଥାନା ଅଧିକାରୀ ଅଜୟ କୁମାର ସାହୁ, ଏଏସଆଇ ଶ୍ରୀକାନ୍ତ ପତ୍ରଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ କାର୍‌କୁ ଅଟକାଇ ୨ ଅଭିଯୁକ୍ତଙ୍କୁ କାବୁ କରିଥିଲେ।

### ଶରଣକୁଳ ମହାବିଦ୍ୟାଳୟରେ ବୃତ୍ତି ପ୍ରଦାନ ଉତ୍ସବ

ଶରଣକୁଳ,୫।୩(ଦୀପକ କର):

ଶରଣକୁଳ ମହାବିଦ୍ୟାଳରେ ନୂଆ-ଓ ବୃତ୍ତି ପ୍ରମାଣପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ । ନୂଆ-ଓ ବୃତ୍ତି ଗରିବ ଛାତ୍ରୀଛାତଅମାନଙ୍କୁ ଉଚ୍ଚ ଶିକ୍ଷାରେ ଅଗ୍ରସର ହେବାକୁ ସହାୟକ ହେବ ବୋଲି ପ୍ରଧାନ ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ୩୭୨ଜଣ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ,ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଗୋତିସାହି ସରପଞ୍ଚ ଦିପ୍ତୀରଞ୍ଜନ ପରିଡା, ସୋଲପଟା ସେବା ସମବାୟ ସଭାପତି ସୁଶାନ୍ତ କୁମାର ଜେନା, ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ରଥ, ପ୍ରଧ୍ୟାପକ ମହେଶ୍ୱର ମହାପାତ୍ର, ପ୍ରଶାସନିକ ଅଧିକାରୀ ଡ.ବ୍ୟୋମକେଶ ରଥ, ନୋଡାଲ ଅଧିକାରୀ ଅଧ୍ୟାପକ ପୀତବାସ ବିଶ୍ୱାଳଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଚିକିଟି,୫।୩(ପ୍ରକାଶ ଚନ୍ଦ୍ର ସାହୁ)**

ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ବ୍ଲକ ଅନ୍ତର୍ଗତ ବାରାହୀପୀଠ ପରିସରରେ ମଙ୍ଗଳବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୁବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟକଲେ ତାହା ସଫଳ ହୋଇପାରିବ କହିଥିଲେ। ତାଙ୍କରି ଆଦର୍ଶରେ ଗଢି ଉଠିଥିବା ବିଜୁ ଜନତା ଦଳର ଲୋକାଭିମୁଖୀ କାର୍ଯ୍ୟକୁ କିପରି ଲୋକଙ୍କ ପାଖକୁ ପହଞ୍ଚାଇବ ଏନେଇ ନେତାମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଆପନା ସେଠୀ, ଏନଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ, ଚିକିଟି ନିର୍ବାଚନ ମଣ୍ଡଳୀର ବରିଷ୍ଠ ଯୁବନେତା ଚିନ୍ମୟାନନ୍ଦ ଶ୍ରୀରୁପ ଦେବ, କଳାବାଡ଼ ପଞ୍ଚାୟତ ସରପଞ୍ଚ ମିନତୀ ପଣ୍ଡା, ସମିତିସଭ୍ୟା ସୌଦାମିନୀ ପ୍ରଧାନ, ଜିଲା ପରିଷଦ ସଭ୍ୟା କେ.ନୀଳାବେଣୀ ପ୍ରମୁଖ ଯୋଗଦେଇଥିଲେ।

**ଖଲ୍ଲିକୋଟ (ପ୍ରଶାନ୍ତ କୁମାର ମିଶ୍ର)**

ନିର୍ମଳଝର ଛକଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି ଆସିକା ଏମପି ପ୍ରମିଳା ବିଷୋୟୀ। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରୁ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ବାହାରି ନିର୍ମଳଝର ଛକ ଠାରେ ପହଞ୍ଚି ଥିଲା।




ଜି ଉଦୟଗିରିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ଉଦ୍‌ବୋଧନ ଦେଉଛନ୍ତି।

ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍କୃତି ବିଭାଗ ଅଧ୍ୟକ୍ଷ ଅଶ୍ୱିନୀ ଶତପଥି, ବ୍ଲକ ଉପାଧ୍ୟକ୍ଷ ଭାରତୀ ମହାରଣା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପ୍ର ଚରଣ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ଦୟାନିଧି ସାହୁ, ବ୍ଲକ ମହିଳା ବିଜେଡି ସଭାପତି ମିତାଞ୍ଜଳି ମିଶ୍ର, ଜିଲା ପରିଷଦ ସଭ୍ୟ ସୋନମ ପଲେଇ, ବିନାୟକ ଜାଲି, ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା, ଉପାଧ୍ୟକ୍ଷ ଲିଲି ସାହୁ, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ସୁଜାତା କୁମାରୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

**ବୁଗୁଡା (କାଳିଚରଣ ଦାଶ)**

ସ୍ଥାନୀୟ ବଳଦେବସ୍ୱାମୀ ବସଷ୍ଟାଣ୍ଡ ପରିସରରେ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢୀ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରାଙ୍କ ସମେତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଦଳୀୟ କର୍ମୀ ଓ ବିଜୁପ୍ରେମୀ ଯୋଗଦେଇଥିଲେ। ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, କଲେଜ ଛାତ୍ରୀଙ୍କୁ ନେଇ ସାଇକେଲ ଶୋଭାଯାତ୍ରା ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ଭଞ୍ଜନଗର(ବାବୁଲା ପ୍ରଧାନ):**

ଭଞ୍ଜନଗର ସହରତଳି ବାଉଁଶଲୁଣ୍ଡୀ ବିଜୁ ସ୍ମୃତି ଭବନରେ ମଙ୍ଗଳବାର ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି। ବିଜୁ ସ୍ମୃତି ଭବନ ଠାରେ ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆସ୍କା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ବ୍ଲକ ଅଧ୍ୟକ୍ଷ ନରି ସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଲକ୍ଷ୍ମୀ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନୀ ପ୍ରଧାନ, ଜିଲା ବିଜେଡି ଉପ ସଭାପତି ରାଜ କୁମାର ସାହୁ, ଏମପି ପ୍ରତିନିଧି ଦିବାକର ନାୟକ, ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଷୋୟୀ, ଯୁବ ବିଜେଡି ସଭାପତି ସୁଧୀର ରଞ୍ଜନ ବେହେରା, ନଗର ମହିଳା ବିଜେଡି ସଭାନେତ୍ରୀ ସୁଜ୍ଞାନି ଗୌଡ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିଲେ।

**ବାଲିଗୁଡ଼ା (ସଞ୍ଜୟ କୁମାର ପାଣିଗ୍ରାହୀ)**

ବିଜୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ କନ୍ଧମାଳ ଜିଲା ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକ୍ ବାଲିଗୁଡ଼ା, କ.ନୁଆଗାଁ, ତୁମୁଡ଼ିବନ୍ଧ ଓ କୋଟଗଡ଼ ବ୍ଲକର ଭାଜପା ଓ କଂଗ୍ରେସ ଦଳର ଦୁଇ ହଜାରରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ବିଜେଡ଼ିରେ ମିଶିଛନ୍ତି। କାର୍ଯ୍ୟକ୍ରମରେ କନ୍ଧମାଳ ଏମପି ଡ.ଅଚ୍ୟୁତ ସାମନ୍ତ, ବିଧାୟକ ଚକ୍ରମଣି କହଁର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଅଜୟ ମହାରଣାଙ୍କ ସମେତ ଚାରୋଟି ବ୍ଲକର ସମସ୍ତ ବ୍ଲକ୍ ସଭାପତି ଯୋଗ ଦେଇଥିବା ବେଳେ ୧୫ ହଜାରରୁ ଊର୍ଦ୍ଧ୍ୱ ବିଜେଡ଼ି ନେତା କର୍ମୀଙ୍କ ସମାଗମ ହୋଇଥିଲା।

**ଜି.ଉଦୟଗିରି (ଶିଶିର ପଟ୍ଟନାୟକ)**

ଜି.ଉଦୟଗିରି ଶ୍ରୀ ରାମପଦା ମିନି ଷ୍ଟାଡିୟମଠାରେ ବିଜୁ ଜନତା ଦଳ ତରଫରୁ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ଳେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଛି। କନ୍ଧମାଳ ଏମପି ଡ଼ ଅଚ୍ୟୁତ ସାମନ୍ତ, ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ସଭାପତି ପି. ସଞ୍ଜୀବ କୁମାର ପାତ୍ର, ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଅନିଲ କୁମାର ଦଳବେହେରା, ଦାରିଙ୍ଗବାଡିର ଦୀପକ କୁମାର ପ୍ରଧାନ, ଟିକାବାଲି ତନୁଜ କୁମାର ଭୋଇ, ପ୍ରଦୀପ କୁମାର ପ୍ରଧାନ, ଜୟାନନ୍ଦ ନାୟକ, ରାଜମୋହନ ଦିଗାଲ, ମିଥୁନ ଦିଗାଲ, ବ୍ରହ୍ମାନନ୍ଦ ସାହୁ, ଅବିନାଶ ନାୟକ, ଛୋଟନ ନାୟକଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ କର୍ମକର୍ତ୍ତା ଯୋଗଦେଇ ସହଯୋଗ କରିଥିଲେ। ଏମପି ଡ଼ ଅଚ୍ଯୁତ ସାମନ୍ତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଭାରତ ରତ୍ନ ସମ୍ମାନରେ ଆଭୂଷିତ କରିବା ପାଇଁ ଦାବୀ ଉପସ୍ଥାପନା କରାଯାଇଥିବା ସୂଚନା ଦେଇଥିଲେ।

# ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

ଛତ୍ରପୁର,୫।୩(ଦିଳୀପ ସାମଲ/ ସନ୍ତୋଷ ପାଢ଼ୀ)

ଛତ୍ରପୁର ସ୍ଥିତ ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜିଲାସ୍ତରୀୟ ପଞ୍ଚାୟତରାଜ ଦିବସ ତଥା ଲୋକସେବା ଦିବସ ପାଳନ କରାଯାଇଛି। ଜିଲା

**୩ ପଞ୍ଚାୟତକୁ ପୁରସ୍କାର**

ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ ସଶକ୍ତ ପଞ୍ଚାୟତରାଜ ବ୍ୟବସ୍ଥା ମାଧ୍ୟମରେ ସୁଦୃଢ ଓଡିଶା ନିର୍ମାଣ ଉପରେ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲା ଏବେ ରାଜ୍ୟ ଓ ଦେଶରେ ସୁନାମ ଆଣିପାରିଛି। ବିଭିନ୍ନ ସ୍ତରରୁ ପୁରସ୍କୃତ ହୋଇପାରୁଛି। ଏଥିପାଇଁ ଗଞ୍ଜାମ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ବିଧାୟକ ଶ୍ରୀ ବେହେରା। ଏହି ଅବସରରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ଓ ଉଲେଖନୀୟ କାର୍ଯ୍ୟ କରିଥିବାରୁ ବଡକୁଷସ୍ଥଳି ଗ୍ରାମ ପଞ୍ଚାୟତକୁ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତୀକରଣ ଭାବେ ୧ମ ସ୍ଥାନ ଅଧିକାର କରି ୧ ଲକ୍ଷ ୫୦ ହଜାର ଟଙ୍କା ମାନପତ୍ର ପ୍ରଦାନ କରି ପୁରସ୍କୃତ ହୋଇଛନ୍ତି। ସେହିପରି ୨ୟ ସ୍ଥାନ ଭାବେ ଭାବିନିପୁର ପଞ୍ଚାୟତକୁ ୧ ଲକ୍ଷ ୨୫ ହଜାର ଟଙ୍କା ଓ ଗୋକର୍ଣ୍ଣପୁର ଗ୍ରାମ ପଞ୍ଚାୟତ ୩ୟ ସ୍ଥାନ ଅଧିକାର କରି ୧ ଲକ୍ଷ ଟଙ୍କା ପୁରସ୍କୃତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଜିଲା ପରିଷଦରର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ ପରିଚାଳନା ଓ ସଂଯୋଜନା କରୁଥିବା ବେଳେ ଡିପିଏମ ଦିପକ କୁମାର ପାତ୍ର ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧିଙ୍କୁ ପୁରସ୍କୃତ କରାଯାଉଛି।

# ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ଖଣ୍ଡପଡ଼ା,୫।୩(ଅଜୟ କୁମାର ମହାରଣା)

କଣ୍ଟିଲୋ-ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ବେଣାଗାଡିଆ ନିକଟ କୁଆଁରିଆ ସେତୁ ବୁଲାଣି ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି । ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଉକ୍ତ ରାସ୍ତାରେ ପ୍ରତିଦିନ ଯାତାୟତ କରୁଥିବା ବାଲି ବୋଝେଇ ହାଇୱା ଯୋଗୁ ଏଭଳି ଅଘଟଣ ଘଟୁଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, କଟକ ଜିଲା ନରସିଂହପୁରର ଅରବିନ୍ଦ ସାହୁ(୨୬) ଓ ବିବେକାନନ୍ଦ ଚୌଧୁରୀ(୩୨) ଏକ ବାଇକ୍‌ରେ ଖଣ୍ଡପଡ଼ାରୁ ନରସିଂହପୁର ଅଭିମୁଖେ ଯାଉଥିବା ବେବେ ବିପରୀତ ଦିଗରୁ ଏକ ବାଲି ବୋଝେଇ ହାଇୱା ଗାଡ଼ି ଉକ୍ତ ଯୁବକଙ୍କୁ ସାଇଡ୍ ମାରି ଦ୍ରୁତ ଗତିରେ ଚାଲି ଯାଇଥିଲା । ଫଳରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଥିଲା। ଫଳରେ ଅରବିନ୍ଦ ଓ ବିବେକାନନ୍ଦ ରାସ୍ତା ଉପରେ ଛିଟିକି ପଡି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ହେଲେ ଆମ୍ବୁଲାନ୍ସ ପହଞ୍ଚି ନ ଥିଲା। ଏହି ସମୟରେ ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା ଆହତ ଯୁବକଦ୍ୱୟଙ୍କୁ ନିଜ ଗାଡିରେ ଖଣ୍ଡପଡ଼ାଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ଉଭୟଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

ଭଞ୍ଜନଗର,୫।୩(ବାବୁଲା ପ୍ରଧାନ)

ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଗୃହଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଭଞ୍ଜନଗର ଶାଖାର ତୃତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବିଭୂତି ଭୂଷଣ ଜେନା ଅଧକ୍ଷତା କରିଥିଲେ। ଭଞ୍ଜନଗର ବିଇଓ ଏସ. ଧନଞ୍ଜୟ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସମ୍ମାନିତ ଅତିଥି ଭାବେ କାମରାଜୁ ମହାରଣା, ପ୍ରଦୀପ କୁମାର ସାହୁ, ସୀମାଞ୍ଚଳ ପ୍ରସାଦ ବିଷୋୟୀ, ଅଶୋକ କୁମାର ଦଳେଇ, ସୁବାସ ଚନ୍ଦ୍ର ମିଶ୍ର, ଡ. ଇନ୍ଦୁଭୂଷଣ ପଟ୍ଟନାୟକ, ସୁବଳ ଚନ୍ଦ୍ର ଭୂୟାଁ, ଜଗବନ୍ଧୁ ଜେନା, କେଶବ ଷଡ଼ଙ୍ଗୀ, ଅନୁପମ ବାନାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ଦୀର୍ଘ ଦିନରୁ ଅବସରପ୍ରାପ୍ତ କର୍ମଚାରୀ ଓ ଶିକ୍ଷକମାନଙ୍କ ବିଭିନ୍ନ ଦାବି ଯଥା ସପ୍ତମ ବେତନ କମିଶନ, ରାଜ୍ୟ ଫିଟମେଣ୍ଟ କମିଟିର ସୁପାରିଶ କ୍ରମେ ପେନସନ ନିର୍ଦ୍ଧାରଣ, କମୁଟେସେନ ଫେରସ୍ତ ପନ୍ଦର ବର୍ଷ ପରିବର୍ତ୍ତେ ବାର ବର୍ଷ ନିର୍ଦ୍ଧାରଣ, ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ରେଳ ଯାତ୍ରାରେ ରିହାତି ପାଇଁ ବୈଠକରେ ଦାବି କରାଯିବା ସହ ଏହା ଉପରେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯିବା ଉପରେ ନିଷ୍ପତ୍ତି ନିଆଯାଇଥିଲା । ଗତ ରାଜ୍ୟ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପ୍ରତିନିଧି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଉପସ୍ଥିତ ରହି ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ନୀତିଗତ ଭାବେ ସାମିଲ କରାଯିବା ଉପରେ କହିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ନଥିବା ଯୋଗୁଁ ବୈଠକରେ ଦୁଃଖ ପ୍ରକାଶ କରାଯାଇଥିଲା। ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ସୁରେଶ ଚନ୍ଦ୍ର ସ୍ୱାଇଁ, ସୁବାସ ଚନ୍ଦ୍ର ତାରିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନଶିକ୍ଷକ ସନ୍ତୋଷ ଜେନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ରୀନା ସେଠି, ଜ୍ୟୋତ୍ସ୍ନା ଦେବୀ ପ୍ରାରମ୍ଭିକ ସଂଗୀତଗାନ କରିଥିଲେ । ଅନୁପମ ବାନାର୍ଜୀ ଧନ୍ୟବାଦ ପ୍ରଦାନ କରିଥିଲେ ।




ସଭାପତି ଉଦ୍‌ବୋଧନ ଦେଉଛନ୍ତି।

# ରଣପୁରର ୨ ସ୍ଥାନରେ ପାଳନ ହେଲା ବିଜୁ ଜୟନ୍ତୀ




ରଣପୁରରେ ୨ ଗୋଷ୍ଠୀ ପକ୍ଷରୁ ଆୟୋଜିତ ବିଜୁ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ବିଜେଡି କର୍ମୀ ।

ରଣପୁର,୫।୩(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ନିର୍ବାଚନ ମଣ୍ଡଳୀରେ ମଙ୍ଗଳବାର ବିଜୁ ବାବୁଙ୍କ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ସାମାନ୍ତରାଳ ଭାବେ ୨ଟି ସ୍ଥାନରେ ପାଳିତ ହୋଇଛି । ଏନେଇ ରାଜନୀତି ଜୋର ଧରିଛି । ରଣପୁରର ପଞ୍ଚୁଦୋଳ ପଡିଆରେ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ ତାଙ୍କ ସମର୍ଥଙ୍କ ସହିତ ଏହି ଉତ୍ସବ ପାଳନ କରିଥିବା ବେଳେ ରଣପୁର ଖାଡ଼ାପଡା ପଞ୍ଚାୟତ ଘିଡ଼ିଘଡିଶୁଣୀ ଠାକୁରାଣୀଙ୍କ ପଡିଆରେ ନୟାଗଡ଼ ଜିଲା ବିଜୁ ଜନତା ଦଳର ସମ୍ପାଦକ ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ ତାଙ୍କ କର୍ମୀ ଓ ନେତା ମାନଙ୍କୁ ନେଇ ଏହି ଉତ୍ସବ ପାଳନ କରିଛନ୍ତି । ବିଧାୟଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ବିଜେଡିର ବହୁ ନେତା,କର୍ମୀ ଏକତ୍ରିତ ହୋଇ ବିଜୁ ଜୟନ୍ତୀ ପାଳନ କରିଛନ୍ତି ବୋଲି ସୂଚନା ମିଳିଛି। ବିଧାୟକ ବହୁ ବରିଷ୍ଟ ବିଜେଡି ନେତା କର୍ମୀମାନଙ୍କୁ ଅଣଦେଖା କରୁଥିବା ବେଳେ ପଞ୍ଚାୟତିରାଜ ଦିବସକୁ ଡାକି ନ ଥିବା ଅଭିଯୋଗ ହୋଇଛି ।

ବିଜୁ ଜନତା ଦଳର ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସଦସ୍ୟ ରବିନାରାୟଣ ମହାପାତ୍ରଙ୍କୁ ମଧ୍ୟ ଏହି ଉତ୍ସବକୁ ଡକାଯାଇ ନ ଥିଲା । ଏହି ଘଟଣାକୁ ନେଇ ରଣପୁର ବିଜେଡିରେ ଫାଟ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଜଣେ ବିଜେଡି ନେତା ତାଙ୍କ ନାମ ଗୋପନ ରଖି କହିଛନ୍ତି, ବିଧାୟକ ନିଜ ଇଚ୍ଛାରେ ମେରୀ ରାଜ ଶାସନ ଚଳାଇଛନ୍ତି । ତାଙ୍କର କେତେଜଣ ପାଖ ଲୋକଙ୍କୁ ଧରି କାମ କରୁଛନ୍ତି । ଏହାକୁ ନେଇ ସାଧାରଣ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଆୟୋଜିତ ଉତ୍ସବରେ ନୟାଗଡ଼ ଜିଲା ବିଜୁ ଜନତା ଦଳର ସମ୍ପାଦକ ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡିଶା ଏକ ବିକଶିତ ରାଜ୍ୟ ଭାବେ ଗଢି ତୋଳିବା ଥିଲା ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ । ଏନେଇ ସେ ଅହରହ ଚେଷ୍ଟା ଜାରି ରଖିଥିଲେ ବୋଲି ସେ ପ୍ରକଶ କରିଥିଲେ । ସୁନାଖଳାର ବିଜେଡି ନେତା ତଥା ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା ଯୁବ ବିଜୁ ଜନତା ଦଳ ଉପସଭାପତି ସୁଧାଂଶୁ ଶେଖର ପ୍ରଧାନ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଛାତ୍ର ସଭାପତି ଗଗନ ରାଉଳ, ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲରଙ୍କ ପ୍ରତିନିଧି ବେଣୁଧର ବେହେରା, ରଣପୁର ବିଜ୍ଞାପିତ ଅଞ୍ଚଳ ଜୋନ ସଭାପତି ସରୋଜ ମହାପାତ୍ର, ରଣପୁର ଅଞ୍ଚଳର ଯୁବ ସଂଗଠକ ମାଧବ ପ୍ରଧାନ, ପୂର୍ବତନ ସରପଞ୍ଚ ବଳଭଦ୍ରପୁର ଦିନବନ୍ଧୁ ପଣ୍ଡା, ପୂର୍ବତନ ସରପଞ୍ଚ ଜଙ୍କିଆ ବିଚିତ୍ର ନନ୍ଦ ସେନାପତି ପ୍ରମୁଖ ଯୋଗଦେଇ ଥିଲେ । ଏ ସଂକ୍ରାନ୍ତରେ ରଣପୁରର ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସଦସ୍ୟଙ୍କୁ ପଚାରିବାରୁ ସେ କୁହନ୍ତି ରଣପୁର ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମକୁ ମୋତେ କେହି ନିମନ୍ତ୍ରଣ କରନ୍ତିନାହିଁ । ଏ ବିଷୟରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କୁ ପ୍ରଶ୍ନ କରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ । ଜିଲା ବିଜେଡି ସମ୍ପାଦକ ସ୍ୱର୍ଣ୍ଣ ପ୍ରକାଶ ରାଉତରାୟଙ୍କୁ ପଚାରିବାରୁ ସେ କୁହନ୍ତି ଆମ୍ଭମାନଙ୍କୁ ବିଧାୟକ କୌଣସି ଦଳୀୟ କାର୍ଯ୍ୟକ୍ରମରେ ପଚାରୁ ନାହାନ୍ତି ସେଥିପାଇଁ ଆମେ ଶତାଧିକ କର୍ମୀ,ନେତା ଏହି ଉତ୍ସବ ପାଳନ କରିଛୁ। ଏହିବିଷୟରେ ଗୋପାଳପୁର ପୂର୍ବତନ ସରପଞ୍ଚ ତଥା ଜିଲା ପରିଷଦ ସଭ୍ୟା ଶରତ ଚନ୍ଦ୍ର ରଥ କୁହନ୍ତି ମୁଁ ବିଜେଡିର ବରିଷ୍ଟ ନେତା କିନ୍ତୁ ମୋ ନାମରେ ମିଥ୍ୟା ଅଭିଯୋଗ କରାଯାଇ ମତେ ବିଧାୟକଙ୍କ ନିର୍ଦ୍ଦେଶରେ ଦଳରୁ ବାହାର କରିଦିଆଯାଇଚି । ହେଲେ ଏବେ ବି ମୁଁ ବିଜୁ ଜନତା ଦଳରେ ରହିଛି।

### କୁରାଳ କଲେଜରେ ଛାତ୍ରବୃତ୍ତି ଅନୁଦାନ ବିତରଣ

ଓଡ଼ଗାଁ,୫।୩(ଆଦର୍ଶ କୁମାର ପଟ୍ଟନାୟକ )ଓଡ଼ଗାଁ ବ୍ଲକ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ମଙ୍ଗଳବାର ନୂଆ -ଓ ଛାତ୍ରବୃତ୍ତି ଅନୁଦାନ ପ୍ରମାଣପତ୍ର ବିତରଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ସଭାପତି ଡ. ଗୋପୀନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୂଖ୍ୟଅତିଥି ଭାବେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଯୋଗଦେଇ ପଞ୍ଚାୟତିରାଜ ଦିବସର ମହତ୍ୱ ତଥା ଓଡିଶାର କିମ୍ବଦନ୍ତୀ ନାୟକ ତଥା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। କୁରାଳ ସରପଞ୍ଚ ବିଜନ ପାଇକରାୟ ମୁଖ୍ୟବକ୍ତା ରୂପେ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ବର୍ଣ୍ଣନା କରିଥିଲେ। ସମିତିସଭ୍ୟା କନକ ପାତ୍ର ଓ ୧ନଂ ଜୋନ ଜିଲାପରିଷଦ ସଭ୍ୟା ଝିଲ୍ଲୀ ପ୍ରଧାନ ମହିଳା ସଶକ୍ତିକରଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କର ସଭାପରିଚାଳନା କରିଥିବାବେଳେ ଇଂରାଜୀ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲୁଙ୍କେଶ୍ୱର ଦେବ ଡିଗ୍ରୀ କଲେଜରେ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ



ଭାପୁର,୫।୩(ଭରତ କୁମାର ବେହେରା ): ମଙ୍ଗଳବାର ଭାପୁର ବ୍ଲକ ଟିକିରିପଡା ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ କଲେଜରେ ନୂଆ ଓଡ଼ିଶା ଯୁବ ଓଡ଼ିଶା ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଟଙ୍କା ଅଭାବରୁ ଆଉ କେହି ଆଉ ପାଠପଢ଼ାରୁ ବଞ୍ଚିତ ହୋଇ ପାରିବେ ନାହିଁ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି କଲେଜର ନୋଡାଲ ଅଫିସର ଡ.ସାରଙ୍ଗଧର କର, ଅଧ୍ୟାପକ ଲକ୍ଷ୍ମୀଧର ଜେନା, ଅଧ୍ୟାପିକା ବିଜୟଲକ୍ଷ୍ମୀ ମଙ୍ଗରାଜ , ସଂଘମିତ୍ରା ଆଚାର୍ଯ୍ୟ, ପ୍ରକାଶ ଚନ୍ଦ୍ର ସାହୁ, ଦାଶରଥି ରାଉତ, ଖବରଦାତା ପ୍ରଭାତ କୁମାର ବରାଡ଼ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଉକ୍ତ କଲେଜର ୪୮୦ ଜଣ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ଅତିଥିତମାନେ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ସତ୍ୟ ସୁନ୍ଦର ଦାସ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଶନ୍ନ କୁମାର ମହାରଣା। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାହୁ।

